RNI No.ODIODI/2010/33031
୧୭ ବର୍ଷ Volume-17
ISSUE-10 ସଂଖ୍ୟା-୧୦
ଭୁବନେଶ୍ୱର, ଶନିବାର ୧୪ ମାର୍ଚ୍ଚ ୨୦୨୬
Bhubaneswar, Saturday 14 March, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଲାଞ୍ଚ ନେଇ ଏଏସଆଇ ଧରାପଡ଼ିବା ମାମଲା

ଭିଏତନାମ-ନେପାଳ ମୁଦ୍ରା ସହ ନଗଦ ୩ଲକ୍ଷ ଜବତ

ସୁନ୍ଦରଗଡ଼/ବଡ଼ଗାଁ, ୧୩।୩(ନି.ପ୍ର.): ଏକ ବିଦେଶୀ ମଦ ଜବତ ମାମଲାରେ ସୁରକ୍ଷା ଦେବା ପାଇଁ ଜଣେ ଢାବା ମାଲିକଙ୍କଠାରୁ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିବା ପୁଲିସ ଅଧିକାରୀ ତଥା ବଡ଼ଗାଁ ଥାନା ଏଏସ୍ଆ।ଇ ଅରୁପାନନ୍ଦ ଦାଶ ଗିରଫ ହୋଇଛନ୍ତି। ସେ ଗତକାଲି ବଡ଼ଗାଁ ଅଞ୍ଚଳର ରଂଜନ ଦାଶଙ୍କ ଠାରୁ ଲାଞ୍ଚ ନେଉଥିଲେ। ରଂଜନ ଦାଶ କଲେଜ ନିଟକ ଅଣ୍ଡରପାସ୍ରେ ଏକ ଢାବା ଖୋଲିଛନ୍ତି। ହୋଲି ସମୟରେ ପୁଲିସ ଢାବାରେ ଚଉ କରି କିଛି ବିଦେଶୀ ମଦ ଧରିଥିଲା।

ଭିଜିଲାନ୍ସ ବିଭାଗ ପୁଲିସ ଅଧିକାରୀଙ୍କ ନିକଟରୁ ନଗଦ ୩ଲକ୍ଷ ୩୧ ହଜାର ଜବତ କରିଛି। ଏଥି ସହିତ ଶ୍ରୀ ଦାଶଙ୍କ ଠିକଣାରୁ ଭିଏତନାମ ଏବଂ ନେପାଳର ମୁଦ୍ରା ମଧ୍ୟ ଜବତ ହୋଇଛି। ଭିଜିଲାନ୍ସ ବିଭାଗ ଶ୍ରୀ ଦାଶଙ୍କ ୪ଟି ଠିକଣାରେ ଚଉ ଜାରି ରଖିଛି।

ମାମଲାରେ ପୁଲିସ ତରଫରୁ ସୁରକ୍ଷା ଦେବା ଓ ଚୋରା ମଦ ବିକିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଅ।ଯିବ ନାହିଁ କହି ପୁଲିସ ଅଧିକାରୀ ଶ୍ରୀ ଦାଶ ରଂଜନଙ୍କୁ ୨୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ରଂଜନ ଏ କଥାରେ ରାଜି ହୋଇ ନଥିଲେ। ଏହା ପରେ ପୁଲିସ ବାବୁ ମଦ ମାମଲାରେ ଗିରଫ କରିବେ ବୋଲି ଧମକ ଦେଇଥିଲେ। ଶେଷକୁ ଅନ୍ୟ ଉପାୟ ନପାଇ ରଂଜନ ରାଉରକେଲା ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଭିଜିଲାନ୍ସ ଏକ ମାମଲା ରୁଜୁ କରି ପୁଲିସ ଅଧିକାରୀଙ୍କୁ ଧରିବାକୁ ଜାଲ ବିଛାଇଥିଲା। ଗୁରୁବାର ଅପରାହ୍ନରେ ରଂଜନ ବଡ଼ଗାଁ ବସଷ୍ଟାଣ୍ଡ ନିକଟ ଏକ ପାନ ଦୋକାନ ଅ।ଗରେ ଏଏସ୍ଆ।ଇ ଶ୍ରୀ ଦାଶଙ୍କୁ ରାସାୟନିକ ରଙ୍ଗବୋଳା ୨୫ ହଜାର ଟଙ୍କା ଦେଇଥିଲେ। ଏହି ସମୟରେ ସେଠାରେ ଛକିଥିବା ଭିଜିଲାନ୍ସ ଟିମ୍ ମାଡ଼ି ବସିଥିଲା। ତାଙ୍କଠାରୁ ଲାଞ୍ଚ ଟଙ୍କା ଜବତ କରିଥିଲା। ଏହା ପରେ ଥାନାକୁ ଯାଇ ବାବୁଙ୍କ କକ୍ଷରେ ଯାଞ୍ଚ କରିବା ପରେ ତାଙ୍କୁ ଗିରଫ କରି ରାଉରକେଲା ନେଇଥିବା ସୂଚନା ମିଳିଛି। ଅନ୍ୟପଟେ ମାମଲାରେ ୪ଟି ସ୍ଥାନରେ ଭିଜିଲାନ୍ସ ଚଉ କରିଛି। ଚଢ଼ଉରେ ରାଉରକେଲା ଭିଜିଲାନ୍ସ ଡିଏସପି ରଶ୍ମିତା ଲାକ୍ରାଙ୍କ ନେତୃତ୍ୱବରେ ନିରୀକ୍ଷକ ଶିବ ନାରାୟଣ ଭଦ୍ର, ଲକ୍ଷ୍ମୀକାନ୍ତ ପ୍ରଧାନ, ମାନସ ରଞ୍ଜନ ଭୋଇ ଓ ସୁନିତା ଓରାମ ସାମିଲ ହୋଇଥିଲେ।

ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ସ୍ଥଗିତ

ନୂଆଦିଲ୍ଲୀ, ୧୩।୩: ଆମେରିକା ସହ ବାଣିଜ୍ୟ ରାଜିନାମା ନେଇ ଗତ ମାସରେ ସହମତି ହୋଇଥିଲା ମାତ୍ର ଭାରତ ବିରୋଧରେ ଅ।ମେରିକା ଅନୁଚିତ କାରବାର ଅଭିଯୋଗରେ ତଦନ୍ତ ନିର୍ଦ୍ଦେଶ ଦେବା ଓ ଅଧିକ ଶୁଳ୍କ ଲଗାଇବା ଧମକ ଦେବା ପରେ ଉକ୍ତ ରାଜିନାମାକୁ ସ୍ଥଗିତ ରଖାଯାଇଛି। ବର୍ତ୍ତମାନ ସମୟରେ ବାଣିଜ୍ୟ ଚୁକ୍ତିରେ ଭାରତ ସ୍ୱାକ୍ଷର କରିବ ନାହିଁ। ଚଳିତ ବର୍ଷ ଫେବୁଆରିରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜ ଭାରତ ରଣନୀତି ବଦଳାଇ କୋହଳ ମନୋଭାବ ପୋଷଣ କରିଥିଲେ।

ଭାରତ ଉପରେ ଲଗାଯାଇଥିବା ଶୁଳ୍କକୁ ୧୮ ପ୍ରତିଶତକୁ ହ୍ରାସ କରିଥିଲେଯ ରୁଷ ତେଲ କିଣୁଥିବାରୁ ଭାରତ ଉପରେ ଲଗାଯାଇଥିବା ୨୫ ପ୍ରତିଶତ ଜରିମାନା ଶୁଳ୍କକୁ ମଧ୍ୟ ପ୍ରତ୍ୟାହାର କରିଥିଲେ। ତେଣୁ ଚଳିତ ମାସରେ ଅ।ମେରିକା ସହ ଏକ ଅନ୍ତରୀଣ ଚୁକ୍ତି ଓ ପରବର୍ତ୍ତୀ ସମୟରେ ପୂର୍ଣ୍ଣାଙ୍ଗ ରାଜିନାମା ସ୍ୱାକ୍ଷର କରିବାକୁ ଭାରତ ଅ।ଶା ରଖିଥିଲା। କିନ୍ତୁ ଭାରତ ବିରୋଧରେ ଅ।ମେରିକା ତଦନ୍ତ ଅ।ରମ୍ଭ କରିବା ପରେ ସରକାର ଚୁକ୍ତିକୁ ନେଇ ନିଜ ମନ ବଦଳାଇଛନ୍ତି। ରାଜିନାମା ସ୍ୱାକ୍ଷରକୁ କିଛି ମାସ ଟାଳିଦେଇଛନ୍ତି।

ଗତ ମାସରେ ଅ।ମେରିକାର ସୁପ୍ରିମକୋର୍ଟ ଟ୍ରମ୍ପ ଲଗାଇଥିବା ଶୁଳ୍କକୁ ଅସିଦ୍ଧ ଘୋଷଣା କରିବା ପରେ ଦୁଇ ଦେଶ ମଧ୍ୟରେ ଚାଲିଥିବା ଅ।ଲୋଚନା ଦିଗହରା ହୋଇଥିଲା। ସେହି ଘଟଣା ପରଠାରୁ ଦୁଇ ଦେଶ ମଧ୍ୟରେ କେଣସି ଗୁରୁତ୍ୱପୂର୍ଣ୍ଣ ଅ।ଲୋଚନା ହୋଇନାହିଁ। ଅବଶ୍ୟ, ମଧ୍ୟପ୍ରାଚ୍ୟ ଯୁଦ୍ଧ ଦୃଷ୍ଟିରୁ ରୁଷରୁ ତେଲ କିଣିବା ଲାଗି ଅ।ମେରିକା ଭାରତକୁ ୩୦ ଦିନର ଅ।ଶ୍ୱସ୍ତି ପ୍ରଦାନ କରିଛି। ଭାରତର ଜଣେ ଅଧିକାରୀଙ୍କ କହିବାନୁସାରେ ଅ।ମେରିକା ସୁପ୍ରିମକୋର୍ଟ ଶୁଳ୍କକୁ ଅସିଦ୍ଧ କରିବା ପରେ ଯେଉଁସବୁ ରାଜିନାମା ଅଟକି ରହିଛି ତାହାକୁ ପୂର୍ଣ୍ଣ କରିବାକୁ ଏକ ଗ୍ରପ କେଶଳ ଭାବେ ଅ।ମେରିକା ତଦନ୍ତ ଅ।ରମ୍ଭ କରିଛି। ତେଣୁ ସ୍ଥିତି କେଉଁ ଅ।ଡ଼କୁ ଗତି କରୁଛି ତାହା ଉପରେ ଭାରତ ଏବେ ନଜର ରଖିବ। ଅନ୍ୟପକ୍ଷରେ ଭାରତରେ ଅବସ୍ଥାପିତ ଅ।ମେରିକୀୟ ରାଷ୍ଟ୍ରଦୂତ ସର୍ଜିଓ ଗୋର କହିଛନ୍ତି ଯେ ଟ୍ରମ୍ପଙ୍କ ପାଖରେ ଶୁଳ୍କ ଲାଗୁ କରିବାର ଅନେକ ଉପକରଣ ରହିଛି। ସେଥିରୁ ଗୋଟିଏ ହେଉଛି ଏକ ନିୟମର ଧାରା ୩୦୧। ଯେଉଁ ଦେଶମାନଙ୍କ ସହ ଅ।ମେ ଚୁକ୍ତି କରିଛୁ ତାହାକୁ ସେମାନେ ସମ୍ମାନ ଦେବେ ବୋଲି ଅ।ମେ ଅ।ଶା କରୁଛୁ। ଭାରତ ଚୁକ୍ତିକୁ ସମ୍ମାନ ଦେବ। କାରଣ ତାହା ଉଭୟ ପକ୍ଷ ପାଇଁ ଏକ ବିଜୟ ଭଳି ବୋଲି ସେ କହିଛନ୍ତି।

ରୁଷ, ନରୱେରୁ ଏଲପିଜି ଆଣିବ ଭାରତ

ନୂଆଦିଲ୍ଲୀ, ୧୩।୩(ନି.ପ୍ର.): ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରଭାବରେ ହର୍ମୁଜ ପ୍ରଣାଳୀ ଦେଇ ଏଲ୍ପିଜି ଅ।ମଦାନି ପ୍ରଭାବିତ ହୋଇଥିବାରୁ ବିକଳ୍ପ ବ୍ୟବସ୍ଥା ସ୍ୱରୂପ ଅ।ମେରିକା ଓ ନରୱେରୁ ଗ୍ୟାସ୍ ଅ।ଣିବା ଉପରେ ଭାରତ ସରକାର କାମ କରୁଛନ୍ତି। ମଧ୍ୟପ୍ରାଚ୍ୟର ଯେଉଁ ସବୁ ଦେଶରେ ଏଲ୍ପିଜି ଉପଲବ୍ଧ ରହିଛି, ସେଠାରୁ ତାହାକୁ ଅଣାଯାଉଛି। ଏହା ବ୍ୟତୀତ ଅ।ମେରିକା, ନରୱେ, କାନାଡା ଓ ରୁଷରୁ ଏଲପିଜି ଅ।ଣିବା ଲାଗି ମଧ୍ୟ ଉଦ୍ୟମ ହେଉଛି ବୋଲି ତେଲ ମନ୍ତ୍ରୀ ହରଦୀପ ସିଂହ ପୁରୀ କହିଛନ୍ତି। ବାଣିଜ୍ୟିକ ଏଲପିଜି ସଙ୍କଟ ଲାଗି ରହିଥିବାରୁ ହୋଟେଲ୍ ଓ ରେଷ୍ଟୋରାଁଗୁଡ଼ିକୁ ବାୟୋମାସ୍, କିରାସିନି ଓ କୋଇଲାକୁ ଜାଳେଣି ଭାବେ ବ୍ୟବହାର କରିବାକୁ ଅନୁମତି ଦେବା ଲାଗି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡମାନଙ୍କୁ ତେଲ ମନ୍ତ୍ରଣାଳୟ ପରାମର୍ଶ ଦେଇଛି। ଏଲପିଜି ଯୋଗାଣ ସ୍ୱାଭାବିକ ନ ହେବା ପର୍ଯ୍ୟନ୍ତ ସେହି ସୁବିଧା ବଜାୟ ରଖିବାକୁ କୁହାଯାଇଛି।

ଭାରତ ଏହାର ୬୦ ପ୍ରତିଶତ ଏଲପିଜି ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକରୁ ଆମଦାନି କରୁଛି। କିନ୍ତୁ ଯୁଦ୍ଧ ପରେ ସୃଷ୍ଟି ହୋଇଥିବା ଯୋଗାଣ ଶୃଙ୍ଖଳା ବ୍ୟାଘାତକୁ

ନଜରରେ ରଖି ଏବେ ବିଭିନ୍ନ ଉତ୍ସରୁ ଗ୍ୟାସ୍ ଅ।ଣିବା ଉପରେ ସରକାର କାମ କରୁଚନ୍ତିୟ ଦେଶରେ ଏଲପିଜି ଉତ୍ପାଦନ ବୃଦ୍ଧି ପାଇଁ ସରକାର ଜରୁରୀକାଳୀନ କ୍ଷମତା ବ୍ୟବହାର କରିଛନ୍ତି। ଦେଶର ୩୩ କୋଟିରୁ ଅଧିକ ପରିବାର ନିକଟରେ ରନ୍ଧନ ଗ୍ୟାସ୍ ପହଞ୍ଚାଇବା ନିଶ୍ଚିତ କରିବା ଲାଗି ବାଣିଜ୍ୟିକ ଏଲପିଜି ଉପରେ ରୋକ ଲଗାଯାଇଛି। ଏଥି ସହିତ ଅତ୍ୟାବଶ୍ୟକ ସାମଗ୍ରୀ ଅ।ଇନ ମଧ୍ୟ ଲାଗୁ କରାଯାଇଛି। ରନ୍ଧନ ଗ୍ୟାସ୍ ଯୋଗାଣରେ କେଣସି ସମସ୍ୟା ନଥିବା ଶ୍ରୀ ପୁରୀ କହିଛନ୍ତି। ଲୋକମାନେ ଅ।ତଙ୍କିତ ହୋଇ ବୁକିଂ କରୁଥିବାରୁ ବିଭିନ୍ନ ସ୍ଥାନରେ ଗ୍ୟାସ୍ ଏଜେନ୍ସି ସାମ୍ନାରେ ଭିଡ଼ ରହୁଛି।

ଅଶୋଧିତ ତେଲ ସମ୍ପର୍କରେ ଶ୍ରୀ ପୁରୀ କହିଛନ୍ତି ଅଣ ମଧ୍ୟପ୍ରାଚ୍ୟ ଅଞ୍ଚଳରୁ ୭୦ ପ୍ରତିଶତ ତେଲ ଅ।ମଦାନୀ କରାଯାଉଛି। ସେଥିପାଇଁ ଯୁଦ୍ଧ ଦ୍ୱାରା ଭାରତର ତେଲ ବଜାର ବିଶେଷ ପ୍ରଭାବିତ ହେବ ନାହିଁ। ପେଟ୍ରୋଲ୍ ଓ ଡିଜେଲ୍ ଦର ସ୍ଥିର ରହିଛି। ପ୍ରାୟ ସବୁ ଦିନ ଏଲ୍ଏନନି ଜାହାଜ ଭାରତରେ ପହଞ୍ଚୁଛି। ଦେଶରେ ଯଥେଷ୍ଟ ପରିମାଣର ଏଲ୍ଏନ୍ଜି ରହିଛି। ଯୁଦ୍ଧ ଲାଗି ରହିଲେ ସ୍ଥିତି ବିଶେଷ କିଛି ବିଗଡ଼ିବ ନାହିଁ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ତେବେ ବାଣିଜ୍ୟିକ ଏଲ୍ପିଜିକୁ ନେଇ ସରକାର ବଡ଼ ନିଷ୍ପତ୍ତି ନେଇଛନ୍ତି। ଉପଲବ୍ଧତା ଅ।ଧାରରେ ପୁଞ୍ଜିରେ ତାହାର ଯୋଗାଣ ଅ।ରମ୍ଭ ହୋଇଛି। ୨୦ ପ୍ରତିଶତ ବାଣିଜ୍ୟିକ ଏଲପିଜି ଦେବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହାସତ୍ତ୍ୱେ ସାରା ଦେଶରେ ହୋଟେଲ୍ ଓ ରେଷ୍ଟୋରାଁଗୁଡ଼ିକ କାଠଗୁଲା ଭଳି ବିକଳ୍ପ ବ୍ୟବସ୍ଥା କରିବାକୁ ବାଧ୍ୟ ହୋଇଛନ୍ତି।

ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତରେ ସୁରକ୍ଷାକର୍ମୀ-ମାଓବାଦୀ ଗୁଳି ବିନିମୟ

ରାଉରକେଲା, ୧୩।୩(ନି.ପ୍ର.): ଓଡ଼ିଶା ଝାଡ଼ଖଣ୍ଡ ସୀମାନ୍ତରେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ।ଗତକାଲି ରାତିରେ ମାଓବାଦୀମାନେ ଓଡ଼ିଶା ସୀମାନ୍ତ ଅଖେଇଶିଳା ଅ।ଡ଼କୁ ଅ।ସୁଥିବା ସୂଚନା ମିଳିବା ପରେ ଉଭୟ ଓଡ଼ିଶା ଓ ଝାଡ଼ଖଣ୍ଡର ସିଅ।ରପିଏଫ୍, ଜାଗୁଅ।ର, ଡିଭିଏଫ୍ ପକ୍ଷରୁ ମିଳିତ ଭାବେ ଅପରେସନ ଅ।ରମ୍ଭ କରିଥିଲେ।

ଅ।ଜି ଅପରାହ୍ନରେ ଝାଡ଼ଖଣ୍ଡର ଯବାନମାନେ ଯାଉଥିବା ବେଳେ ଲୁଚି ରହିଥିବା ମାଓବାଦୀମାନେ ହଠାତ ଗୁଳି ଚାଳନା କରିଥିଲେ। ଏହାର ଜବାବରେ ଯବାନମାନେ ପାଲଟା ଗୁଳି ଚଳାଇ ଥିଲେ। ପ୍ରାୟ ଏକ ଅଧ ଘଣ୍ଟା ଧରି ଉଭୟଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିବା ସୂଚନା ମିଳିଛି। ବର୍ତ୍ତମାନ ପର୍ଯ୍ୟନ୍ତ ସେଠାରେ ଯବାନଙ୍କ ପକ୍ଷରୁ ଅପରେସନ ଜାରି ରହିଛି।

ବନ୍ଧୁକ ଦେଖାଇ ଆକ୍ରମଣ , ସୁନା ଚେନ ଓ ଘରୋଇ ସାମଗ୍ରୀ ଲୁଟ୍

ରାୟଗଡ଼ା, ୧୩।୩(ନି.ପ୍ର): ରାୟଗଡ଼ା ସହର ପାୟାର ଷ୍ଟେସନ ନିକଟରେ ଚାଲୁଥିବା ଜଣେ ସରକାରୀ କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ ମରଣାନ୍ତକ ଅ।କ୍ରମଣ କରିବା ସହ ଲୁଟ ହୋଇଥିବା ଜଣାପଡ଼ିଛି । ଆକ୍ରମଣର ଶିକାର ହୋଇଥିବା ବସନ୍ତ କୁମାର ମିଶ୍ର ରାୟଗଡା ପୂର୍ତ୍ତ ବିଭାଗରେ କାର୍ଯ୍ୟ କରନ୍ତି। ବସନ୍ତ ଦେଇଥିବା ସୂଚନା ଅନୁଯାୟୀ ସେ ରାତିରେ ଘରେ ଏକୁଟିଆ ଥିଲେ, ଏହି ସମୟରେ ୪/୫ ଯୁବକ ହାତରେ ବନ୍ଧୁକ ଛୁରି ଧରି ଘରେ ଜୋର ଜବରଦସ୍ତି ଘରେ ପଶିଥିଲେ। ରାତି ୧୧ଟାରେ ଘରେ ପଶିସକାଳ ୫ଟା ଯାଏଁ ଦୁର୍ବୃତ୍ତମାନେ ବସନ୍ତଙ୍କୁ ମାରପିଟ କରିଥିବା ଜଣାପଡ଼ିଛି ।ଦୁର୍ବୃତ୍ତମାନେ ସୁନା ଚେନ,ମୁଦି, ଘରୋଇ ଅ।ସବା ପାତ୍ର ଲୁଟିନେଇଥିବା ବସନ୍ତ କହିଛନ୍ତି । ଏପରିକି ଦୁର୍ବୃତ୍ତମାନେ ତାଙ୍କ ବ୍ୟାଙ୍କ ଅ।କାଉଣ୍ଟରୁ ଟଙ୍କା ଉଠାଇବା ଫର୍ମ ସହିତ କରି ନେଇଥିବା ଜଣାପଡ଼ିଛି ।ଯ ବନ୍ଧୁକ ମୁନରେ ଦୁର୍ବୃତ୍ତମାନେ ତାଙ୍କ ଫୋନ ପେ ଅ।କାଉଣ୍ଟରୁ ୧୧ ହଜାର ଟଙ୍କା ନେଇଯାଇଛନ୍ତି । ୬ ଘଣ୍ଟା ଧରି ଦୁର୍ବୃତ୍ତମାନେ ରାତିରେ ବସନ୍ତଙ୍କୁ ହାତ ଗୋଡ଼ ବାନ୍ଧି ମାରପିଟ କରି ଶାରୀରିକ ଯନ୍ତ୍ରଣା ଦେବା ସହ ଲୁଟ କରିଥିଲେ । ଦୁର୍ବୃତ୍ତମାନେ ସକାଳୁ ବାହାର ପଟୁ କବାଟ ବନ୍ଦ କରି ଚାଲି ଯାଇଥିଲେ ଯ ସକାଳୁ ଶ୍ରୀ ବସନ୍ତ ଘଣ୍ଟାଏ ଧରି ପାଟି କରିବା ପରେ ସହି ପଡିଶା ଉଦ୍ଧାର କରି ଡି. ଏଚ. ଏଚକୁ ଚିକିତ୍ସା ପାଇଁ ଅ।ଣିଥିଲେ । ଦୁର୍ବୃତ୍ତମାନେ ପୁଲିସ କିମ୍ବା କାହାକୁ ଖବର ଦେଲେ ହତ୍ୟା କରିବୁ ବୋଲି ଧମକ ଦେଇଥିବା ବସନ୍ତ ପ୍ରକାଶ କରିଛନ୍ତି । ରାୟଗଡ଼ା ପୁଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଛି ।

ପୋଖରୀରେ ବୁଡ଼ି ଦୁଇ ସାଙ୍ଗ ମୃତ

ବାସୁଦେବପୁର, ୧୩।୩(ନି.ପ୍ର.): ବାସୁଦେବପୁର ବ୍ଲକ ଅରଣ୍ଡୁଅ। ମଲିକ ସାହିରେ ଅଘଟଣ । ପୋଖରୀରେ ବୁଡ଼ି ଚାଲିଗଲା ଦୁଇ କଅଁଳ ଶିଶୁ କନ୍ୟାଙ୍କ ଜୀବନ। ଅରଣ୍ଡୁଅ। ମଲ୍ଲିକସାହି ଗ୍ରାମର ସତ୍ୟବ୍ରତ ବାରିକଙ୍କ ୧୦ ବର୍ଷର ଝିଅ

ତପଦୀପା ଓ ଅନ୍ୟଜଣେ ବିଜୟ ବାରିକଙ୍କ ଝିଅ ଅର୍ଣ୍ଣପୂର୍ଣ୍ଣା ବୋଲି ଜଣାପଡ଼ିଛି । ଏହି ଦୁଇଜଣ ସାଙ୍ଗ ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି । ଶୁକ୍ରବାର ସକାଳେ ଚାରି ପାଞ୍ଚ ଜଣ ସାଙ୍ଗ ହୋଇ ନିକଟସ୍ଥ ପୋଖରୀ ନିକଟକୁ ଖେଳିବାକୁ ଯାଇଥିଲେ । ସେଠାରେ ପୋଖରୀ ନିକଟରେ ଶାମୁକା ଖୋଜିବାକୁ ଚେଷ୍ଟା କରୁଥିବା ବେଳେ ଅସାବଧାନତାବସତଃ ପୋଖରୀରେ ପ୍ରଥମେ ତପଦୀପା ପଡ଼ି ଯାଇଥିଲେ ।ଫଳରେ ପାଖରେ ଥିବା ଅର୍ଣ୍ଣପୂର୍ଣ୍ଣା ତାକୁ ବଞ୍ଚାଇବାକୁ ଯାଇ ସେ ମଧ୍ୟ ପଡ଼ି ଯାଇଥିଲା ୟ ପାଖରେ ଥିବା ଅନ୍ୟମାନେ ଗାଁ ଲୋକଙ୍କୁ ଡାକ ପକାଇବା ସହିତ ପରିବାର ଲୋକଙ୍କୁ ଖବର ଦେଇଥିଲେ । ଫଳରେ ଗାଅ।ଁ ଲୋକ ପହଞ୍ଚି ତପଦୀପା ପୋଖରୀରେ ଭାସୁଥିବା ଦେଖି ତାକୁ ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ବାସୁଦେବପୁର ମେଡିକାଲରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ । ପରେ ଅନ୍ୟ ଜଣଙ୍କୁ ଖୋଜି ନ ପାଇବାରୁ ସ୍ଥାନୀୟ ଅଗ୍ନିଶମବାହିନୀକୁ ଖବର ଦେଇଥିଲେ । ପରେ ଅଗ୍ନିଶମ ବାହିନୀର କର୍ମଚାରୀ ପୋଖରୀରେ ଖୋଜାଖୋଜି କରି ତାଙ୍କୁ ଉଦ୍ଧାର ପରେ ମେଡିକାଲରେ ଭର୍ତ୍ତି କରିଥିଲେ । ହେଲେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଛନ୍ତି।

ଉଲ୍ଲେଖ ଯୋଗ୍ୟ, ଗତକାଲି କଟକ ଜିଲ୍ଲା ଚୌଦ୍ୱାର ବିରୂପା ବ୍ୟାରେଜ୍ ଏକ ନମ୍ବର ଗେଟ ନିକଟରେ ଦୁଇ ଭାଇଙ୍କ ମୃତ ଦେହ ଉଦ୍ଧାର ହୋଇଥିଲା । ମୃତକ ଦୁଇ ଜଣ ଚୌଦ୍ୱାର ମଣ୍ଡାପଡ଼ା ଅଞ୍ଚଳର ଦେବାଶିଷ ସାହୁ ଓ ଶୁଭାଶିଷ ସାହୁ । ସେହିପରି ମଙ୍ଗଳବାର ଦିନ କେନ୍ଦୁଝର ଜିଲ୍ଲା ରାଇସୁଅ।ଁ ସ୍ଥିତ ପୁରୁଣା ସଦର ଥାନା ପାଖଟେରା ଅଞ୍ଚଳରେ ଦୁଇ ଭାଇ ଅ।ମାମାନ ଅନସାରୀ (୯ ବର୍ଷ) ଓ କୁଶାଲ ଅନସାରୀ (୮ ବର୍ଷ) ଗାଧୋଉଥିବାବେଳେ ବୁଡ଼ି ଯାଇ ପ୍ରାଣ ହରାଇଥିଲେ।

୩ୟରୁ ୮ମ ଶ୍ରେଣୀ ପିଲାଙ୍କୁ ମିଳିବ ଶାରୀରିକ ଶିକ୍ଷା

ଭୁବନେଶ୍ୱର: ଏଣିକି ସମସ୍ତ ଛାତ୍ରଛାତ୍ରୀ ସୁସ୍ଥ ରହିବେ ୟ ଅ।ସନ୍ତା ଶିକ୍ଷା ବର୍ଷରୁ ପିଲାଙ୍କୁ ଶାରୀରିକ ଶିକ୍ଷା ଦିଅ।ଯିବ । ତୃତୀୟରୁ ଅଷ୍ଟମ ଶ୍ରେଣୀ ପିଲାଙ୍କୁ ଶାରୀରିକ ଶିକ୍ଷା ମିଳିବ ୟ ଗୃହରେ ଉତ୍ତର ରଖିଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ।

ମନ୍ତ୍ରୀଙ୍କ ସୂଚନା ମୁତାବକ, ଜାତୀୟ ଶିକ୍ଷା ନୀତି ୨୦୨୦ ଅଧୀନରେ ତୃତୀୟରୁ ଅଷ୍ଟମ ଶ୍ରେଣୀ ପିଲାଙ୍କୁ ଶାରୀରିକ ତାଲିମ ଦିଅ।ଯିବ ୟ ଏବେ ଡିଜିଟାଲ୍ କ୍ୱାସରୁମ୍ରେ ଇ-କଣ୍ଟେଣ୍ଟ ଦ୍ୱାରା ଶିକ୍ଷା ଦିଅ।ଯାଉଛି ବୋଲି ମନ୍ତ୍ରୀ କହିଛନ୍ତି ୟ ସେହିଭଳି ଅ।ସନ୍ତା ଶିକ୍ଷା ବର୍ଷରୁ ତୃତୀୟରୁ ଅଷ୍ଟମ ଶ୍ରେଣୀ ଯାଏଁ ସୁସ୍ଥ ରହିବା ଓ ଶାରୀରିକ ଶିକ୍ଷା ଦିଅ।ଯିବ।

ବର୍ଷକ ମଧ୍ୟରେ ୫୦୦ ମେଟ୍ରିକ ଟନ୍ ପଣ୍ୟ ପରିବହନ କରି ପୂର୍ବତଟ ରେଳପଥ ହେଲା ଦେଶରେ ପ୍ରଥମ ରେଳ ଜୋନ୍

ଭୁବନେଶ୍ୱର, ୧୩।୩(ନି.ପ୍ର.): ଗୋଟିଏ ବର୍ଷରେ ୫୦୦ ନିୟୁତ ଟନ୍ ମାଲ ପରିବହନ କରିବାରେ ଭାରତୀୟ ରେଳବାଇ ଇତିହାସରେ ଏକମାତ୍ର ରେଳ ଜୋନ୍ ହୋଇ ପୂର୍ବ ତଟ ରେଳପଥ ଏକ ଐତିହାସିକ ମାଇଲଖୁ ହାସଲ କରିଛି। ଏହି ଉଲ୍ଲେଖନୀୟ ପ୍ରଦର୍ଶନ ଜୋନ୍ର ଦୃଢ଼ ପରିଚାଳନା ଦକ୍ଷତା ଏବଂ ଦେଶର ପଣ୍ୟ ପରିବହନରେ ଏହାର ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ପ୍ରତିଫଳିତ କରୁଛି।

ବର୍ଷକ ମଧ୍ୟରେ, ପୂର୍ବ ତଟ ରେଳପଥ ୨୬୨.୯ ନିୟୁତ ଟନ୍ ଲୋଡିଂ ପରିଚାଳନା କରି ୧୦.୪% ଅଭିବୃଦ୍ଧି ହାସଲ କରିଛି, ସେହିସମୟ ମଧ୍ୟରେ ଅନଲୋଡିଂ ୨୩୭.୬ ମେଟ୍ରିକ ଟନରେ ପହଂଚିଛି, ଯାହା ପୂର୍ବ ଅବଧି ତୁଳନାରେ ୯% ପ୍ରତିଶତ ଅଭିବୃଦ୍ଧି ଦର୍ଶାଉଛି। ଉଭୟ ଲୋଡିଂ ଏବଂ ଅନଲୋଡିଂରେ ସଂଚୁଳିତ ଅଭିବୃଦ୍ଧି ସମଗ୍ର ଜୋନରେ ଦୃଢ଼ ଲଜିଷ୍ଟିକ୍ସ ନେଟୱାର୍କ ଏବଂ ଦକ୍ଷ ପଣ୍ୟ ପରିବହନ ପରିଚାଳନାକୁ ଦର୍ଶାଉଛି। ଏହି ଉଲ୍ଲେଖନୀୟ ପ୍ରଦର୍ଶନ ରେଳ ଅଧିକାରୀ ଏବଂ କର୍ମଚାରୀଙ୍କ ଉତ୍ସର୍ଗୀକୃତ ପ୍ରୟାସ, ଉନ୍ନତ ପରିଚାଳନାଗତ ଦକ୍ଷତା, ଶିଳ୍ପ ସଂସ୍ଥାମାନଙ୍କ ସହିତ ବର୍ଦ୍ଧିତ ସମନ୍ୱୟ ଏବଂ ଅନୁକୂଳ ପଣ୍ୟ ପରିବହନ ପରିଚାଳନା ରଣନୀତି ଗୁଡ଼ିକୁ ପ୍ରତିଫଳିତ କରୁଛି। କୋଇଲା, ଲୁହାପଥର, ଇସ୍ପାତ, ସିମେ ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକୀୟ ସାମଗ